# NATIONAL NEWS BULLETIN (ODIA)

## 26 March - 2026

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଦେଶର ସମସ୍ତ ତୈଳ ବିଶୋଧନାଗାର ଅତ୍ୟନ୍ତ ଦକ୍ଷତାର ସହ କାର୍ଯ୍ୟ କରୁଥିବା ନେଇ ସରକାରଙ୍କର ଦୃଢ଼ୋକ୍ତି ।
- ସ୍ୱଳ୍ପ ମୂଲ୍ୟର ସୌରଶକ୍ତି ଏବଂ ବ୍ୟାଟେରୀ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଭାରତ ବିଶ୍ୱସ୍ତରରେ ନିଜକୁ ପ୍ରତିଷ୍ଠିତ କରିପାରିଛି; ବିଶ୍ୱ ଅର୍ଥନୈତିକ ଫୋରମ୍‌ର ଘୋଷଣା ।
- ଦେଶରେ ସଡ଼କ ଯୋଗାଯୋଗ ଓ ସୁରକ୍ଷାକୁ ଉନ୍ନତ କରିବା ଲକ୍ଷ୍ୟ ନେଇ ବ୍ୟୟ ହୋଇଛି ୪୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ।
- ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥ ଅନୁସନ୍ଧାନ କ୍ଷେତ୍ର ଦେଶରେ ଅଧିକ ବ୍ୟାପକ ହେଉଛି, କହିଲେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ।

ଏବଂ

- ୨୦ ବର୍ଷରୁ କମ୍ ସାଫ୍ ଫୁଟବଲ୍ ପ୍ରତିଯୋଗିତାରେ ପାକିସ୍ତାନକୁ ୩-୦ ଗୋଲ୍‌ରେ ପରାସ୍ତ କଲା ଭାରତ ।

# ଇଣ୍ଟର ମିନିଷ୍ଟ୍ରିଆଲ୍ ଷ୍ଟେଟ୍‌ମେଣ୍ଟ

ଦେଶର ସମସ୍ତ ତୈଳ ବିଶୋଧନାଗାର ଅତ୍ୟନ୍ତ ଦକ୍ଷତାର ସହ କାର୍ଯ୍ୟ କରୁଛି ବୋଲି ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ କହିଛି । ସେଠାରେ ପର୍ଯ୍ୟାପ୍ତ ଅଶୋଧିତ ତୈଳ ସଂଗୃହିତ ହୋଇ ରହିଛି । ସବୁ ପେଟ୍ରୋଲ୍ ପମ୍ପରେ ଯଥେଷ୍ଟ ପରିମାଣର ତୈଳ ରହିଥିବା ମନ୍ତ୍ରଣାଳୟ ଦୃଢ଼ୋକ୍ତି ପ୍ରକାଶ କରିଛି । ପେଟ୍ରୋଲିୟମ୍ ଉତ୍ପାଦନ ଏବଂ ଏଲ୍.ପି.ଜି.ର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି । ଘରୋଇ ଏଲ୍.ପି.ଜି. ସିଲିଣ୍ଡର ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ ରହିଛି ।

ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରଣାଳୟ କହିଛି, ଜାହାଜ ଚଳାଚଳ, ବନ୍ଦର ପରିଚାଳନା ଏବଂ ଭାରତୀୟ ନାବିକଙ୍କ ସୁରକ୍ଷା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଭାରତୀୟ ପତାକା ବାହି କୌଣସି ଜାହାଜ ସହିତ କିଛି ଅଘଟଣ ଘଟିବା ନେଇ ରିପୋର୍ଟ୍ ହସ୍ତଗତ ହୋଇନଥିବା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ।

୬୭୪ରୁ ଅଧିକ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ଫେରାଇ ଅଣାଯାଇଛି । ସଂଘର୍ଷ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଭାରତୀୟଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ସେମାନଙ୍କ ସହ ଘନିଷ୍ଠ ଭାବେ ଯୋଗାଯୋଗ ସ୍ଥାପନ କରାଯାଉଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି । ଗତ ମାସ ୨୮ ତାରିଖରେ ସଂଘର୍ଷ ଆରମ୍ଭ ହେବା

ପରଠାରୁ ଅତିରିକ୍ତ ବିମାନ ଉଡ଼ାଣ ସହ ପ୍ରାୟ ୪ ଲକ୍ଷ ୫୦ ହଜାର ଭାରତୀୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି ।

## ଜୟଶଙ୍କର-ଜି-୭

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ତାଙ୍କର ଫ୍ରାନ୍ସ ପ୍ରତିପକ୍ଷ ଜିନ୍-ନୋଏଲ୍ ବାରୋଟ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଡକ୍ଟର ଜୟଶଙ୍କର **G-7** ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗଦେବା ଲାଗି ଆଜିଠାରୁ ଦୁଇଦିନିଆ ଫ୍ରାନ୍ସ ଗସ୍ତରେ ଅଛନ୍ତି । ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ବୈଠକରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ଦେଶର ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ।

## ଡବ୍ଲ୍ୟୁଇଏଫ୍-ଇଣ୍ଡିଆ ଏନର୍ଜି

ଭାରତ ସ୍ୱଳ୍ପ ମୂଲ୍ୟର ସୌରଶକ୍ତି ଏବଂ ବ୍ୟାଟେରି ପ୍ରଯୁକ୍ତିବିଦ୍ୟା ବ୍ୟବହାର ମାଧ୍ୟମରେ ବିଶ୍ୱସ୍ତରରେ ନିଜକୁ ବୈଦ୍ୟୁତିକ ପ୍ରଯୁକ୍ତିବିଦ୍ୟା ଉତ୍ପାଦନ କେନ୍ଦ୍ର ଭାବେ ସ୍ଥାନିତ କରିପାରିଛି ବୋଲି ବିଶ୍ୱ ଅର୍ଥନୈତିକ ଫୋରମ୍ କହିଛି । ଫୋରମ୍ ପକ୍ଷରୁ ଆଜି ପ୍ରକାଶିତ ରିପୋର୍ଟ୍‌ରେ ପାଶ୍ଚାତ୍ୟ

ଅର୍ଥନୀତି ଏବଂ ଚୀନ୍ ଦ୍ୱାରା ଅନୁସରଣ କରାଯାଉଥିବା ଜୀବାଶ୍ମ ଇନ୍ଧନ ଆଧାରିତ ଅଭିବୃଦ୍ଧି ମାର୍ଗକୁ ଗ୍ରହଣ ନ କରି ମଧ୍ୟ ଭାରତ ବିଶ୍ୱସ୍ତରରେ ନିଜର ସ୍ଥାନକୁ ସୁଦୃଢ଼ କରିପାରିଛି ।

ଶକ୍ତି କ୍ଷେତ୍ରରେ ଭାରତର ପ୍ରୟାସ ଅର୍ଥନୈତିକ ଅଭିବୃଦ୍ଧିକୁ ଗତିଶୀଳ କରିପାରିଛି । ଭାରତରେ ବିକ୍ରି ହେଉଥିବା ଯାତ୍ରୀକାରୀ ଯାନଗୁଡ଼ିକ ମଧ୍ୟରୁ ୫ ପ୍ରତିଶତ ବୈଦ୍ୟୁତିକ ଯାନ ରହିଛି । ତେବେ ୩ ଚକିଆ ଯାନଗୁଡ଼ିକ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ବୈଦ୍ୟୁତିକ ଯାନ ବୋଲି ରିପୋର୍ଟ୍‌ରେ ଉଲ୍ଲେଖ କରାଯାଇଛି ।

ବିଶ୍ୱସ୍ତରରେ ବୈଦ୍ୟୁତିକ ଯାନ ବ୍ୟବହାର କ୍ଷେତ୍ରରେ ଭାରତର ଗତିଶୀଳତା ତ୍ୱରାନ୍ୱିତ ହୋଇଛି । ଭାରତର ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ୬ ଗୁଣ ବୃଦ୍ଧି ପାଇ ୧୩୦ ବିଲିୟନ୍ ଡଲାର୍‌ରେ ପହଞ୍ଚିଛି । ସମନ୍ୱିତ ଯୋଗାଣ ଶୃଙ୍ଖଳ ନିର୍ମାଣ ମାଧ୍ୟମରେ ଭାରତ ଇଲେକ୍ଟ୍ରୋଟେକ୍ ଉତ୍ପାଦ କ୍ଷେତ୍ରରେ ଏକ ପ୍ରମୁଖ ବିଶ୍ୱ ଯୋଗାଣକାରୀ ଭାବେ ନିଜର ସ୍ଥିତିକୁ ଦୃଢ଼ କରୁଛି ବୋଲି ରିପୋର୍ଟ୍‌ରେ କୁହାଯାଇଛି ।

## ଗଡ଼କରି-ସଡ଼କ ସୁରକ୍ଷା ଅଭିଯାନ

ଦେଶ ବ୍ୟାପି ଦୁର୍ଘଟଣା ପ୍ରବଣ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯିବା ସହିତ ସଡ଼କ ସୁରକ୍ଷାକୁ ଉନ୍ନତ କରିବା ନେଇ ବ୍ୟାପକ ପଦକ୍ଷେପ ଗ୍ରହଣ

କରାଯାଉଛି । ନୂଆଦିଲ୍ଲୀରେ ସଡ଼କ ସୁରକ୍ଷା ଅଭିଯାନ ୨୦୨୬ ଆଲୋଚନାରେ ଅଂଶଗ୍ରହଣ କରି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରି ଏହା କହିଛନ୍ତି । ଅଭିନେତା ଅମୀର ଖାନ୍ଙ୍କ ସହ ଏହି କାର୍ଯ୍ୟକ୍ରମରେ ଆଲୋଚନା କାଳରେ ମନ୍ତ୍ରୀ ଶ୍ରୀ ଗଡ଼କରି କହିଛନ୍ତି, ରାସ୍ତା ନକ୍ସା ଏବଂ ସୁରକ୍ଷାକୁ ଉନ୍ନତ କରିବା ଲକ୍ଷ୍ୟ ନେଇ ୪୦ ହଜାର କୋଟିରୁ ଅଧିକ ବ୍ୟୟ କରାଯାଇଛି ।

## VO-GADKARI

ଶ୍ରୀ ଗଡ଼କରି କହିଛନ୍ତି, ଦେଶରେ ଅଟୋମୋବାଇଲ୍ ଶିଳ୍ପ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି । ବିଶ୍ୱ ସ୍ତରରେ ଏହା ତୃତୀୟ ବୃହତ୍ତମ ଭାବେ ମାନ୍ୟତା ପାଇଛି । ନୀତିଗତ ସଂସ୍କାର, ଭିତ୍ତିଭୂମି ବିକାଶ ସହିତ ଆଗାମୀ ୫ ବର୍ଷ ମଧ୍ୟରେ ଭାରତକୁ ଏହି କ୍ଷେତ୍ରରେ ଶୀର୍ଷ ସ୍ଥାନକୁ ପହଞ୍ଚାଇବା ଲକ୍ଷ୍ୟ ନେଇ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ଗଡ଼କରି କହିଛନ୍ତି । ଦୁର୍ଘଟଣାକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ସରକାର ଯାନବାହନରେ ୬ଟି ଏୟାର୍‌ବ୍ୟାଗ୍ ଉପଯୋଗକୁ ବାଧ୍ୟତାମୂଳକ କରିଛନ୍ତି । ଲାଇସେନ୍ସ ପ୍ରଦାନ ବ୍ୟବସ୍ଥାକୁ ଡିଜିଟାଲାଇଜେସନ୍ କରାଯିବା ସହ ୨୦୦ରୁ ଅଧିକ ଚାଳକ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ବୋଲି ଶ୍ରୀ ଗଡ଼କରି କହିଛନ୍ତି ।

# ଜିତେନ୍ଦ୍ର ସିଂହ-ମିନେରାଲ୍

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଭାରତ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଅନୁସନ୍ଧାନ କ୍ଷେତ୍ରକୁ ଅଧିକ ବ୍ୟାପକ କରୁଛି । ଷ୍ଟାର୍ଟଅପ୍ ଚାଳିତ ଖଣି ଇକୋସିଷ୍ଟମ୍‌କୁ ପ୍ରୋତ୍ସାହନ ପ୍ରଦାନ ମାଧ୍ୟମରେ ଆମଦାନୀ ନିର୍ଭରଶୀଳତା ହ୍ରାସ କରାଯିବା ସହ ଘରୋଇ ମୂଲ୍ୟ ଶୃଙ୍ଖଳକୁ ଅଧିକ ସଶକ୍ତ କରିବାକୁ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି । ନୂଆଦିଲ୍ଲୀରେ ଜାତୀୟ ଖଣିଜ ଅନୁସନ୍ଧାନ ଏବଂ ବିକାଶ ଟ୍ରଷ୍ଟର ପରିଚାଳନା ପରିଷଦ ବୈଠକରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ସିଂହ ଏ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପ୍ରମୁଖ ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି ।

ଷ୍ଟାର୍ଟଅପ୍ ଏବଂ ଘରୋଇ ଅଂଶିଦାରଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟିର ଆବଶ୍ୟକତା ଉପରେ ଡକ୍ଟର ସିଂହ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଖଣି ପ୍ରଯୁକ୍ତିବିଦ୍ୟାର ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଢାଞ୍ଚାଗତ ସମର୍ଥନ ଏବଂ ଦ୍ରୁତ ଅନୁମୋଦନ ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ଡକ୍ଟର ସିଂହ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ ସହ ଅଧ୍ୟକ୍ଷତା କରିଥିଲେ ।

# ପ୍ରଧାନ-କ୍ୟୁଏସ୍ ର୍ୟାଙ୍କିଙ୍ଗ୍ସ

ଚଳିତ ବର୍ଷର କ୍ୟୁ.ଏସ୍. ଶୀର୍ଷ ୫୦ଟି ବିଷୟବସ୍ତୁ ଆଧାରିତ ର୍ୟାଙ୍କିଙ୍ଗ୍‌ରେ ଦେଶର ପ୍ରମୁଖ ପ୍ରତିଷ୍ଠାନଗୁଡ଼ିକ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି ବୋଲି ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପ୍ରଧାନ କହିଛନ୍ତି, ଭାରତର ଉଚ୍ଚଶିକ୍ଷା ଇକୋସିଷ୍ଟମ୍ କ୍ଷେତ୍ରରେ ଏହା ଏକ ବଡ଼ ସଫଳତା । ଜାତୀୟ ଶିକ୍ଷାନୀତି ଆଧାରିତ ଶୈକ୍ଷିକ ମାନଦଣ୍ଡ, ଗୁଣବତ୍ତା, ନବସୃଜନ ଏବଂ ବିଶ୍ୱସ୍ତରୀୟ ଯୋଗାଯୋଗ ଦ୍ୱାରା ଦେଶର ପ୍ରମୁଖ ଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକର ଆନ୍ତର୍ଜାତିକ ସ୍ତରରେ ନିଜର ସ୍ଥିତିକୁ ପ୍ରତିପାଦନ କରିପାରୁଛନ୍ତି । ଏହି ତାଲିକାରେ ଶୀର୍ଷ ସ୍ଥାନ ହାସଲ କରିଥିବାରୁ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର କୂଳପତି ପ୍ରଫେସର ଶାନ୍ତିଶ୍ରୀ ଡି. ପଣ୍ଡିତ ଅଧ୍ୟାପକ ଏବଂ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି, ଗତ ତିନି ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟ ନିରନ୍ତର ଶ୍ରେଷ୍ଠ ପ୍ରଦର୍ଶନ କରିଆସୁଛି । ବିକଶିତ ଭାରତ ପାଇଁ ନାରୀ ଶକ୍ତି ସହିତ ଶିକ୍ଷା କ୍ଷେତ୍ରରେ ଏହି ପ୍ରତିଷ୍ଠାନ ନେତୃତ୍ୱ ନେଉଛି ବୋଲି ସେ କହିଛନ୍ତି ।

# ମଷ୍ଟ ଆନାଉନ୍ସମେଣ୍ଟ

‘ଆକାଶବାଣୀରେ ଲୋକଙ୍କ ପଦ୍ମ’ ଶୀର୍ଷକ ଧାରାବାହିକରେ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ମହେନ୍ଦ୍ର କୁମାର ମିଶ୍ରଙ୍କ ସହ ସାକ୍ଷାତକାର କାର୍ଯ୍ୟକ୍ରମ ଆଜି ଅପରାହ୍ଣରେ ପ୍ରସାରିତ ହୋଇଛି । ଏହି କାର୍ଯ୍ୟକ୍ରମଟି ଆସନ୍ତାକାଲି ସକାଳ ୯ଟା ୧୦ ମିନିଟ୍‌ରେ ୧୦୦ ଦଶମିକ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍‌ରେ ପ୍ରସାରିତ ହେବ । ଶ୍ରୋତାମାନେ News on AIR App ଏବଂ News on AIR official YouTubeରେ ଏହି କାର୍ଯ୍ୟକ୍ରମକୁ ଶୁଣିପାରିବେ । ଓଡ଼ିଆ ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ଶ୍ରୀ ମିଶ୍ରଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଛି ।

# ୟୁଏନ୍-କ୍ଲାଇମେଟ୍ ଚିଫ୍ ଇଣ୍ଡିଆ

ସ୍ୱଚ୍ଛ ଶକ୍ତି ଏବଂ ଆର୍ଥିକ ଅଭିବୃଦ୍ଧି ଏକତ୍ର ଗତିଶୀଳ ହୋଇପାରିବ ବୋଲି ଭାରତ ପ୍ରମାଣ କରିଥିବା ଜାତିସଂଘ ଜଳବାୟୁ ମୁଖ୍ୟ ସାଇମନ୍ ଷ୍ଟିଏଲ୍ କହିଛନ୍ତି । ପ୍ୟାରିସ୍ ଚୁକ୍ତିନାମା ଅନୁଯାୟୀ ଭାରତର ଜାତୀୟ ନିର୍ଦ୍ଧାରିତ ପଦକ୍ଷେପ ଏହାକୁ ପ୍ରମାଣିତ କରିପାରିଛି ବୋଲି ସେ କହିଛନ୍ତି ।

ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକୁ ସୀମିତ କରିବା ଲକ୍ଷ୍ୟ ନେଇ ହୋଇଥିବା ଚୁକ୍ତିନାମା ଆଧାରରେ ଭାରତ ଗ୍ରହଣ କରିଥିବା ପଦକ୍ଷେପ ଏ

କ୍ଷେତ୍ର ପାଇଁ ଅଙ୍ଗୀକାରବଦ୍ଧତାକୁ ପ୍ରତିଫଳନ କରୁଛି ବୋଲି ଶ୍ରୀ ଷ୍ଟିଏଲ୍ କହିଛନ୍ତି । ଭାରତ ବୈଶ୍ୱିକ ସ୍ତରରେ ଦ୍ରୁତ ଗତିରେ ଏକ ସୌରଶକ୍ତି କ୍ଷେତ୍ର ଏବଂ ନବୀକରଣୀୟ ଶକ୍ତି ଉତ୍ପାଦନର ଅଗ୍ରଣୀ ରାଷ୍ଟ୍ର ଭାବେ ପ୍ରତିପାଦିତ ହେଉଛି । ଶ୍ରୀ ଷ୍ଟିଏଲ୍ କହିଛନ୍ତି, ଭାରତର ଏଭଳି ପଦକ୍ଷେପ ଦେଶର ଶକ୍ତି ଏବଂ ବିଦ୍ୟୁତ୍ କ୍ଷେତ୍ରରେ ନିବେଶକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ଘରୋଇ ଉତ୍ପାଦନକୁ ସହଯୋଗ ଏବଂ ନିଯୁକ୍ତି କ୍ଷେତ୍ରକୁ ଅଧିକ ବ୍ୟାପକ କରିପାରିବ ।

## ଫୁଟବଲ୍-ସାଫ୍

ଦକ୍ଷିଣ ଏସିଆନ୍ ଫୁଲବଟ୍ ସଂଘ ସାଫ୍ ୨୦ ବର୍ଷରୁ କମ୍ ପ୍ରତିଯୋଗିତାରେ ଆଜିର ଖେଳରେ ଭାରତ ବିଜୟୀ ହୋଇଛି । ମାଲଦୀପ୍ସର ମାଲେ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ’ ପାକିସ୍ତାନକୁ ୩-୦ ଗୋଲ୍‌ରେ ପରାସ୍ତ କରିଛି । ଏହି ପରାଜୟ ସହ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛି । ପୂର୍ବରୁ ପାକିସ୍ତାନ’ ବାଂଲାଦେଶ ଠାରୁ ମଧ୍ୟ ପରାଜିତ ହୋଇସାରିଛି । ଭାରତ ଏବଂ ବାଂଲାଦେଶ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି ।